# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ଯିହୋଶୂୟ ଭାର ଗ୍ରହଣ କଲେ

ଲେଖକ: Edward Hughes
ଦୃଷ୍ଟାନ୍ତ: Janie Forest
ଉପଯୋଜକ: Ruth Klassen
ଅନୁବାଦକ: Prasanta Bhuyan
ପ୍ରୟୋଯୋକ: Bible for Children
www.M1914.org

BFC
PO Box 3
Winnipeg, MB R3C 2G1
Canada

©2015 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ
ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ମୋଶାଙ୍କର ମୃତୁପରେ । ଯିହୋଶୂୟ ଜାଣିଥିଲେ ଯେ
ବର୍ତ୍ତମାନ୍ ପରମେଶ୍ୱର ଇସ୍ରାଏଲ ସନ୍ତାନଗଣର ତତ୍ତ୍ୱାବଧାନ
କରିବା ଭାର ତାଙ୍କ ଉପରେ ଦେଲେ । ଯିହୋଶୂୟ ତାଙ୍କର
ସେନା ଗଢ଼ିବା ଆଗରୁ, ସେ ପ୍ରଥମେ ନିଜକୁ ପ୍ରସ୍ତୁତ କଲେ ।
ପରମେଶ୍ୱର ଯିହୋଶୂୟଙ୍କୁ ଯୁଦ୍ଧରୁ ଜୟ ଓ ଧନସମ୍ପତ୍ତି
ସେହି ପ୍ରତିଜ୍ଞାତ ଦେଶରେ ଦେବେ ବୋଲି
ପ୍ରତିଜ୍ଞା କଲେ ଯଦି ଲୋକମାନେ
ସର୍ବଦା ତାଙ୍କୁ ବାଧ୍ୟ ହେବେ ।



ଇସ୍ରାଏଲ୍ ସନ୍ତାନଗଣ ଯିହୋଶୂୟଙ୍କୁ ଅନୁଶରଣ ଓ ପରମେଶ୍ୱରଙ୍କ ବାକ୍ୟ ମାନିବେ ବୋଲି ପ୍ରତିଜ୍ଞା କଲେ ।



ବୁଦ୍ଧିର ସହିତ, ନୂତନ ଭାବରେ ଅଭିଶିକ୍ତ ନେତା ଗୋପନରେ ଦୁଇଜଣ ଗୁପ୍ତଚର କିଣାନ୍ ଦେଶକୁ ପ୍ରେରଣ କଲେ ଯେପରି ସେମାନେ ସେହି ଯିରୀହୋ ନଗରର ସେନା ବିଷୟରେ ନିରିକ୍ଷଣ କରିବେ । ଇସ୍ରାଏଲ୍ ର ପ୍ରଥମ ଲଢ଼େଇ ସେହି ସ୍ଥାନରେ ହୋଇପାରେ ।



କେହିଜଣେ ତାଙ୍କ ଶହରକୁ ଚ଼ର ଆସିଥିବା କଥା ଯିରିହୋର ରାଜାଙ୍କୁ କହିଲେ । ସେ ସେମାନଙ୍କୁ ଖୋଜିବାକୁ ତାଙ୍କର ସେନା ପ୍ରେରଣ କଲେ । ରାହାବ ଘରେ ଖୋଜିବାକୁ ଆରମ୍ଭ ହେଲା, ଯେଉଁ ଲୋକମାନେ ଏଠାରେ ରହୁଥିଲେ ସେମାନେ କାହାଁନ୍ତି, ସୌନିକମାନେ ରାହାବ ଘରର କବାଟକୁ ଜୋରରେ ଆଘାତ କଲେ । ସଂଙ୍ଗେ ସଂଙ୍ଗେ ବାହାବ୍ ସେହି ଦୁଇ ଲୋକଙ୍କୁ ଲୁଚ଼ାଇ ରଖିଲା ।

ଯେତେବେଳେ ସୈନ୍ୟମାନେ ସେଠାରୁ ପଳାୟନ କଲେ, ରାହାବ୍ ସେହି ଲୋକମାନଙ୍କୁ ଝରକା ବାଟେ ଦଉଡ଼ିରେ ନଗର ପ୍ରାଚିରର ବାହାରକୁ ଓହ୍ଲାଇ ଦେଲା । ସେ କାହିଁକି ସେହି ଚ଼ର ମାନଙ୍କର ସାହାଯ୍ୟ କଲା, କାରଣ ସେ ଜାଣିଥିଲା ଯେ ପରମେଶ୍ୱର ସେମାନଙ୍କ ସହିତ ଅଛନ୍ତି । ସେ ଚ଼ାହୁଁଥିଲା ପରମେଶ୍ୱର ସେମାନଙ୍କର ଜୀବନ ରକ୍ଷା କରନ୍ତୁ । ଗୁପ୍ତଚ଼ରମାନେ ପ୍ରତିଜ୍ଞା କଲେ ସେମାନେ ରାହାବ୍ ଓ ତାଙ୍କର ପରିବାରକୁ ରକ୍ଷା କରିବେ ।



ଯିରିହୋକୁ ପହଞ୍ଚିବା ଆଗରୁ, ଇସ୍ରାଏଲ୍ ସନ୍ତାନଗଣଙ୍କୁ କିଣାନ୍ ଦେଶକୁ ଯିବାକୁ ଯର୍ଦ୍ଦନ ନଦୀ ପାର କରିବାକୁ ପଡ଼ିଲା, ପ୍ରତିଜ୍ଞାତ ଦେଶ । କିନ୍ତୁ ସେଠାରେ କୌଣସି ପୋଲ ନଥିଲା । ଲୋକମାନେ କିପରି ଭାବରେ ନଦୀ ପାର ହେବେ?



ସଦାପ୍ରଭୁ ଯିହୋଶୂୟଙ୍କୁ କହିଲେ ଧର୍ମଯାଜକମାନେ ନିୟମ ସିନ୍ଧୁକ ଯେଉଁଠାରେ ଦଶ ଆଜ୍ଞା ରହିଥିଲା ତାହା ବୋହି ସୈନିକ ଓ ଲୋକମାନଙ୍କୁ କଢ଼ାଇ ନେବେ । ଯେତେବେଳେ ଧର୍ମଯାଜକମାନଙ୍କ ପାଦ ନଦୀରେ ପଡ଼ିଲା ପରମେଶ୍ୱର ଏକ ଆଶ୍ଚର୍ଯ୍ୟ କର୍ମ କଲେ । ନଦୀର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଶୁଷ୍କ ପଥ ନିର୍ମାଣ କଲେ ।



ସମସ୍ତ ଲୋକମାନେ ନିରାପଦରେ ନଦୀ ପାର
ହେଲାପରେ, ସେମାନେ ବାରଟି ପଥର
ଯର୍ଦ୍ଦନର ମଧ୍ୟସ୍ଥାନରେ ଓ ଅଲଗା ବାର
ପଥର କିଣାନ୍ ର ନଦୀ ବନ୍ଧରେ ବସାଇଲେ ।
ଏହା ଏକ ସେମାନଙ୍କ ପାଇଁ ସ୍ମାରକସ୍ତମ୍ଭ
ହୋଇ  ରହିବ ଓ ସେମାନଙ୍କୁ ନିଜର
ସନ୍ତାନଗଣକୁ ଇଶ୍ୱରଙ୍କ ସହାନ ଶକ୍ତି
ଓ ପ୍ରେମ ବିଷୟରେ ଶିକ୍ଷା ଦେବା
ନିମନ୍ତେ ସାହାଯ୍ୟ କରିବ ।





ଯିରୀହୋରେ କଠିନ ଓ ଗାଢ଼
ପ୍ରାଚୀର ଥିଲା । ଯେପରି
ଯିହୋଶୂୟ ଆକ୍ରମଣ କରିବା
ନିମନ୍ତେ ପ୍ରସ୍ତୁ ହେବା ସମୟରେ,
ଈଶ୍ୱର ତାଙ୍କର ସେନାଧିକ୍ଷଙ୍କ
ଦ୍ୱାରା ସ୍ୱର୍ଗରୁ ଇସ୍ରାଏଲର ନୂତନ
ନେତାଙ୍କୁ ମନେପକାଇବାକୁ ଆସି
କହିଲେ ପରମେଶ୍ୱର ନିଜ
ଲୋକମାନଙ୍କ ନିମନ୍ତେ ଯୁଦ୍ଧକୁ
ଜୟ କରନ୍ତି ।



ଯିରହୋ କିପରି ଭାବରେ ଆକ୍ରମଣ କରିବାକୁ ହେବ ତାହା ପରମେଶ୍ୱର ଯିହେଶୁୟଙ୍କୁ କହିଲେ । ସେହି ଯୋଜନା  ଏକ ଅଦ୍ଭୁତ ଧରଣର ଥିଲା । ପରମେଶ୍ୱରଙ୍କ ଲୋକମାଙ୍କୁ ସେହି ନଗରର ଚ଼ାରିପଟେ ଦିନକୁ ଥରେ ଲେଖାଏଁ ଏପରି  ଛଅଦିନ ପର୍ଯ୍ୟନ୍ତ ପ୍ରଦକ୍ଷିଣ କରିବାକୁ ପଡ଼ିବ, ଏବଂ ସପ୍ତମ ଦିନରେ ଏପରି ସାତଥର ପ୍ରଦକ୍ଷିଣ କରିବାକୁ ପଡ଼ିବ । ତା ପରେ ସେମାନଙ୍କୁ ତୁରୀ ବଜାଇବା ଏବଂ ଜୟଧ୍ୱନୀ କରିବାକୁ ପଡ଼ିବ, ଓ ସେହି ନଗରର ପ୍ରାଚ଼ିର ପଡ଼ି ସମଭୂମି ହୋଇଯିବ ।

ଯିହୋଶୂୟ ଓ ତାଙ୍କ ସୈନ୍ୟମାନେ ଠିକ୍ ପରମେଶ୍ୱରଙ୍କ ଆଜ୍ଞା ଅନୁସାରେ କଲେ । ହୋଇପାରେ ଯିରିହୋର ଲୋକମାନେ ସେମାନଙ୍କୁ ପରିହାସ କରିଥାଇପାରନ୍ତି । କିନ୍ତୁ, ସପ୍ତମ ଦିନର ସପ୍ତମ ପ୍ରଦକ୍ଷିଣ ପରେ ଯାଜକମାନେ ତୂରୀ ବଜାଇଲେ । ଏବଂ ଯେପରି ଭାବରେ ପରମେଶ୍ୱର ପ୍ରତିଜ୍ଞା କରିଥିଲେ ଠିକ୍ ସେପରି ସେହି ନଗରର ପ୍ରାଚିର ପଡ଼ି ସମଭୂମି ହୋଇଗଲା ।









ପ୍ରାଚିରରେ ଥିବା କେବଳ ରାହାବର ଗୃହ ସୁରକ୍ଷିତ ଥିଲା ।
ସେ ସେହି ସିନ୍ଦୁରବର୍ଣ୍ଣ ଡୋରି ଝରକାରେ ବାନ୍ଧି ରଖିଲା ।
ସଂଙ୍ଗେ ସଂଙ୍ଗେ ଯିହୋଶୂୟଙ୍କ ସୈନ୍ୟମାନେ ରାହାବଙ୍କୁ
ଏବଂ ତାଙ୍କର ପରିବାରକୁ ବଞ୍ଚାଇଲେ । ତାହାପରେ
ଯିରହୋକୁ ସଂପୂର୍ଣ୍ଣ ଭାବରେ ଧ୍ୱଂସ କଲେ, ଯେପରି
ପରମେଶ୍ୱର ସେମାନଙ୍କୁ ଆଜ୍ଞା କରିଥିଲେ ।



ସତ୍ୟନିଷ୍ଠାରେ, ଯିହୋଶୁୟ ଯିରିହୋ ର ସୁନା,
ରୁପା ଏବଂ ସମ୍ପତ୍ତିକୁ ପରମେଶ୍ୱରଙ୍କ ସେବାରେ
ବ୍ୟବହାର ନିମନ୍ତେ ସମର୍ପଣ କଲେ । ତା ପରେ ଯିହୋଶୁୟ ଶପଥ କରାଇ
କହିଲେ ଯେକେହି ଉଠି ପୁନର୍ବାର ଏହି ଦୁଷ୍ଟ ଯିରିହୋ ନଗର ନିର୍ମାଣ କରେ, ସେ
ସଦାପ୍ରଭୁଙ୍କ ସକ୍ଷାତରେ ଶାପଗ୍ରସ୍ତ ହେଉ । ସଂଙ୍ଗେ ସଂଙ୍ଗେ ସମସ୍ତ କିଣାନ ଦେଶର
ଲୋକ ଶୁଣଲେ କିପରି ଭାବରେ ଯିହୋଶୁୟ ଯିରିହୋ ନଗରକୁ ପରାସ୍ତ କଲେ ।
ସେମାନେ ଜାଣଥିଲେ ଯେ ପରମେଶ୍ୱର ତାଙ୍କ ଲୋକମାନଙ୍କ ସହିତ ଅଛନ୍ତି ।

ଯିହୋଶୂୟ ଭାର ଗ୍ରହଣ କଲେ

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କାହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ଯିହୋଶୂୟ ୧-୬

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

# ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚ଼ାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚ଼ିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚ଼ିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ । ଯୋହନ ୩:୧୬